# NATIONAL NEWS BULLETIN (ODIA)
## 17 August - 2024
## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ତୃତୀୟ 'ଭଏସ୍ ଅଫ୍ ଗ୍ଲୋବାଲ୍ ସାଉଥ୍' ସମ୍ମିଳନୀରେ ଅଧ୍ୟକ୍ଷତା କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ୩ଟି ନୂଆ ମେଟ୍ରୋ ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍‌ର ମଂଜୁରୀ ।
- ବାଂଲାଦେଶରେ ସଂଖ୍ୟାଲଘୁ ସଂପ୍ରଦାୟଙ୍କ ସୁରକ୍ଷା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରର ମୁଖ୍ୟ ପରାମର୍ଶଦାତା ପ୍ରଫେସର ମହମ୍ମଦ ୟୁନୁସ୍‌ଙ୍କ ସହ କଲେ ଆଲୋଚନା
- ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଯାତ୍ରୀବାହୀ ନୌସେବା ଆରମ୍ଭ ।

ଏବଂ

- ପ୍ୟାରିସ୍ ପାରା ଅଲମ୍ପିକ୍ସ ପ୍ରତିଯୋଗିତାରେ ଭାରତ ପକ୍ଷରୁ ଅଂଶ ଗ୍ରହଣ କରିବେ ୮୪ ଜଣ କ୍ରୀଡ଼ାବିତ୍ ।

# ଇଣ୍ଡିଆ-ଗ୍ଲୋବାଲ୍ ସାଉଥ୍

ଭାରତ ଆଜି ଆଭାସୀ ମାଧ୍ୟମରେ ତୃତୀୟ 'ଭଏସ୍ ଅଫ୍ ଗ୍ଲୋବାଲ୍ ସାଉଥ୍' ସମ୍ମିଳନୀର ଆୟୋଜନ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରିବେ । ଚଳିତବର୍ଷ ସମ୍ମିଳନୀର ବାର୍ତ୍ତା ରହିଛି **'ନିରନ୍ତର ଭବିଷ୍ୟତ ପାଇଁ ସଶକ୍ତ ଦକ୍ଷିଣ ଗୋଲାର୍ଦ୍ଧ'** । ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ୍ କହିଛନ୍ତି, ଦକ୍ଷିଣ ଗୋଲାର୍ଦ୍ଧ ଦେଶଗୁଡ଼ିକୁ ଏହି ସମ୍ମିଳନୀରେ ଯୋଗଦେବା ପାଇଁ ଆମନ୍ତ୍ରଣ କରାଯାଇଛି । ଏହି ସମ୍ମିଳନୀ ଅବସରରେ ପୂର୍ବ ସମ୍ମିଳନୀ ଗୁଡ଼ିକରେ ହୋଇଥିବା ଆଲୋଚନା ଉପରେ କାର୍ଯ୍ୟାନୁଷ୍ଠାନ ଓ ସମ୍ପ୍ରତି ବିଶ୍ୱ ସାମ୍ନା କରୁଥିବା ବିଭିନ୍ନ ଆହ୍ୱାନ ଗୁଡ଼ିକ ସମ୍ପର୍କରେ ଆଲୋଚନା ସ୍ଥାନ ପାଇବ । ଦକ୍ଷିଣ ଗୋଲାର୍ଦ୍ଧ ଦେଶ ଗୁଡ଼ିକର ବିକାଶ ଧାରାରେ ଦେଖାଦେଇଥିବା ଆହ୍ୱାନ ଓ ପ୍ରାଥମିକତା ଭିତ୍ତିରେ ସେଗୁଡ଼ିକର ସମାଧାନ ଉପରେ ମଧ୍ୟ ସମ୍ମିଳନୀରେ ଆଲୋଚନା ହେବ । ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ଅମନ୍ତ୍ରିତ ଦେଶଗୁଡ଼ିକର ରାଷ୍ଟ୍ର ମୁଖ୍ୟ ଯୋଗଦେବେ ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ସୂଚନା ଦେଇ କହିଛନ୍ତି, ଚଳିତ ମାସ ୨୦ ତାରିଖରେ ତୃତୀୟ ପର୍ଯ୍ୟାୟ ଭାରତ-ଜାପାନ୍ ବୈଦେଶିକ-ପ୍ରତିରକ୍ଷା ମନ୍ତ୍ରୀମାନଙ୍କର ଦ୍ୱିପାକ୍ଷିକ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ଶ୍ରୀ ଜୟସ୍ୱାଲ କହିଛନ୍ତି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ

ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ ।

ବାଂଲାଦେଶ ପରିସ୍ଥିତି ସଂପର୍କରେ ଶ୍ରୀ ଜୟସ୍ୱାଲ କହିଛନ୍ତି ଭାରତ ସରକାର ସେଠାକାର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ଖୁବ୍‌ଶୀଘ୍ର ସେଠାରେ ପରିସ୍ଥିତି ସ୍ୱାଭାବିକ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

# ଆଇଏମ୍ଏ- ର୍ୟାଲି

କୋଲକାତା ଡାକ୍ତରୀ ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣାର ପ୍ରତିବାଦରେ ଭାରତୀୟ ଡାକ୍ତରୀ ସଂଘ ଆଜି ସକାଳ ୬ଟାରୁ ସମଗ୍ର ଦେଶରେ ୨୪ ଘଣ୍ଟିଆ ବନ୍ଦ ଡାକରା ଦେଇଛି । ତେବେ  ଅତ୍ୟାବଶ୍ୟକ ଓ ଜରୁରୀକାଳୀନ ସେବା ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

ସମସ୍ତ ବାହ୍ୟ ବିଭାଗ (ଓପିଡି) ବନ୍ଦ ରହିବ ଏବଂ କୌଣସି ଅସ୍ତ୍ରୋପଚାର କରାଯିବ ନାହିଁ ବୋଲି ଆଇଏମ୍ଏ କହିଛି। ରାଜ୍ୟ ୟୁନିଟ୍ ଗୁଡ଼ିକ ସହ ବୈଠକ ପରେ ସାରା ଦେଶରେ  ଚିକିତ୍ସା ସେବା ବନ୍ଦ କରିବାକୁ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି । ତେବେ  କୋଲକାତା ଡାକ୍ତରଖାନାରେ ହୋଇଥିବା ଭଙ୍ଗାରୁଜାକୁ ସଂଘ ନିନ୍ଦା କରିଛି। କର୍ମକ୍ଷେତ୍ରରେ ଡାକ୍ତରଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏକ ଆଇନ ପ୍ରଣୟନ କରିବାକୁ ସଂଘ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛି ।

କୋଲକାତାରେ ଘଟିଥିବା ଘଟଣାକୁ ବିରୋଧ କରି ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲ, ଲେଡି ହାର୍ଡିଂ ମେଡ଼ିକାଲ କଲେଜ ଓ ଅନ୍ୟ କେତେକ ହସ୍ପିଟାଲର ଡାକ୍ତର ଏବଂ ମେଡ଼ିକାଲ ଛାତ୍ରଛାତ୍ରୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ମାମଲାରେ ନ୍ୟାୟ ପ୍ରଦାନ ପାଇଁ ସେମାନେ ଦାବି କରିଥିଲେ । ସଂଘ ପକ୍ଷରୁ ଗତ ସନ୍ଧ୍ୟାରେ ଏକ ମହମବତୀ ଶୋଭାଯାତ୍ରା ବାହାରିଥିଲା ।

## ପିଏମ୍-ବାଂଲାଦେଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରର ମୁଖ୍ୟ ପରାମର୍ଶଦାତା ପ୍ରଫେସର ମହମ୍ମଦ ୟୁନୁସ୍‌ଙ୍କ ସହ ଗତକାଲି ଟେଲିଫୋନ୍ ଯୋଗେ କଥାବାର୍ତ୍ତା କରିଛନ୍ତି । ବାଂଲାଦେଶରେ ଶାନ୍ତି, ସ୍ଥିରତା ଏବଂ ବିକାଶ ପାଇଁ ଭାରତ  ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ସେଠାକାର ହିନ୍ଦୁ ଏବଂ ଅନ୍ୟାନ୍ୟ ସଂଖ୍ୟାଲଘୁ ସଂପ୍ରଦାୟଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ । ତେବେ ବାଂଲାଦେଶରେ ବସବାସ କରୁଥିବା ସଂଖ୍ୟାଲଘୁଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି ବୋଲି ପ୍ରଫେସର ୟୁନୁସ୍ ପ୍ରତିଶ୍ରୁତି ଦେଇଛନ୍ତି ।  ଉଭୟ ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ନେଇ ଆଲୋଚନା ହୋଇଥିବା ବାଂଲାଦେଶ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି ।

# ମାଣ୍ଡବ୍ୟ – ପାରା ଅଲମ୍ପିକ୍ସ

ପ୍ୟାରିସ୍ ପାରା ଅଲମ୍ପିକ୍ସ ପ୍ରତିଯୋଗିତାରେ ଭାରତ ପକ୍ଷରୁ ୮୪ ଜଣ କ୍ରୀଡ଼ାବିତ୍ ଅଂଶ ଗ୍ରହଣ କରିବେ । ଆସନ୍ତା ୨୮ ତାରିଖରୁ ଆରମ୍ଭ ହେଉଥିବା ଏହି ପ୍ରତିଯୋଗିତା ସେପ୍ଟେମ୍ବର ୮ ତାରିଖ ପର୍ଯ୍ୟନ୍ତ ଚାଲିବ । କ୍ରୀଡ଼ାବିତ୍‌ଙ୍କୁ ପ୍ୟାରିସ୍ ଗସ୍ତର ଅବ୍ୟବହିତ ପୂର୍ବରୁ ସମ୍ବୋଧିତ କରି କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି ଦେଶରେ କ୍ରୀଡ଼ାର ବିକାଶ ପାଇଁ ସରକାର ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି । ଖେଲୋ ଇଣ୍ଡିଆ ପ୍ରତିଯୋଗିତାର ବହୁ କ୍ରୀଡ଼ାବିତ୍ ଦେଶକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି ବୋଲି ସେ କହିଛନ୍ତି । ଚଳିତବର୍ଷ ଏହି ପ୍ରତିଯୋଗିତାରେ ଭାରତରୁ ସର୍ବାଧିକ କ୍ରୀଡ଼ାବିତ୍ ଅଂଶ ଗ୍ରହଣ କରୁଛନ୍ତି । ଗତ ଟୋକିଓ ଅଲମ୍ପିକ୍ସରେ ଭାରତ ୧୯ଟି ପଦକ ହାସଲ କରିଥିଲା ।

# ଗାଜା-ସିଜ୍‌ଫାୟାର ଆଲୋଚନା

ଗାଜାରେ ଅସ୍ତ୍ରବିରତି ନେଇ ଦୋହାଠାରେ ଅନୁଷ୍ଠିତ ଆଲୋଚନାରୁ କୌଣସି ନିଷ୍କର୍ଷ ମିଳିପାରି ନାହିଁ । କତାର, ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇଜିପ୍ଟ ମିଳିତ ବିବୃତିରେ କହିଛନ୍ତି ୱାଶିଂଟନ୍ ପକ୍ଷରୁ ସହମତି ପାଇଁ ଏକ ନୂତନ ପ୍ରସ୍ତାବ ଗତ ସପ୍ତାହରେ ଉପସ୍ଥାପନ କରାଯାଇଛି । ଏହି ପ୍ରସ୍ତାବ ଦ୍ୱାରା ଅସ୍ତ୍ରବିରତି ପାଇଁ ତ୍ୱରିତ ପଦକ୍ଷେପ ନିଆଯାଇ ପାରିବ । ଦୋହାରେ ଆଲୋଚନା ଗଠନମୂଳକ ଥିଲା ବୋଲି ଏହି ବିବୃତିରେ କୁହାଯାଇଛି ।

ଏହି ତିନି ରାଷ୍ଟ୍ର ଆସନ୍ତା ସପ୍ତାହ ଶେଷ ସୁଦ୍ଧା କାଏରୋ ଆଲୋଚନା ଶେଷ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ।

ସୂଚନାଯୋଗ୍ୟ ହମାସ୍ ଓ ଇସ୍ରାଏଲ ମଧ୍ୟରେ ଶାନ୍ତି ବୁଝାମଣା ପାଇଁ ଏହି ୩ ଦେଶ ପ୍ରୟାସ କରୁଛନ୍ତି । ଅସ୍ତ୍ର ବିରତି ନେଇ ଭିନ୍ନ ଭିନ୍ନ ଆଲୋଚନା ହୋଇଥିଲେ ମଧ୍ୟ ସେଥିରୁ କୌଣସି ନିଷ୍କର୍ଶ ବାହାରିନଥିବା ଜଣାପଡ଼ିଛି ।

# କ୍ୟାବିନେଟ୍-ମେଟ୍ରୋ ଏୟାରପୋର୍ଟ

ଦେଶରେ ୩ଟି ନୂଆ ମେଟ୍ରୋ ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଂଜୁରୀ ପ୍ରଦାନ କରିଛି । ନୂଆଦିଲ୍ଲୀଠାରେ କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି । ଏହି ରେଳ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ୧୫ ହଜାର ୬୧୧ କୋଟି ଟଙ୍କାର ବ୍ୟୟ ଅଟକଳରେ ବେଙ୍ଗାଲୁର ମେଟ୍ରୋର ତୃତୀୟ ପର୍ଯ୍ୟାୟ, ୧୨ ହଜାର ୨ଶହ କୋଟି ଟଙ୍କା ବ୍ୟୟରେ ଥାନେ ଇଣ୍ଟିଗ୍ରାଲ୍ ରିଙ୍ଗ୍ ମେଟ୍ରୋ ପ୍ରକଳ୍ପ ଏବଂ ୩ ହଜାର କୋଟି ଟଙ୍କା ବ୍ୟୟରେ ପୁନେ ମେଟ୍ରୋ ପ୍ରଥମ ପର୍ଯ୍ୟାୟ ପ୍ରକଳ୍ପ ଅନ୍ତର୍ଭୁକ୍ତ । ଶ୍ରୀ ବୈଷ୍ଣବ କହିଛନ୍ତି ବର୍ତ୍ତମାନ ୨୧ଟି ସହରରେ ମେଟ୍ରୋ ରେଳ ଚଳାଚଳ କାର୍ଯ୍ୟକ୍ଷମ ହୋଇଛି । ୧୦ବର୍ଷ ପୂର୍ବେ ଏହା ୫ଟି ସହରରେ ସୀମିତ ଥିଲା ।

ରେଳ ନେଟଓ୍ୱର୍କ ଦୃଷ୍ଟିରୁ ଭାରତ’ ବିଶ୍ୱରେ ତୃତୀୟ ସ୍ଥାନରେ ରହିଥିବା ସେ କହିଛନ୍ତି । ସେ କହିଛନ୍ତି ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ମଧ୍ୟ ବିହାରର ବିହଟା ଏବଂ ପଶ୍ଚିମବଙ୍ଗର ବାଗଡୋଗ୍ରା ଠାରେ ଥିବା ନୂତନ ସିଭିଲ୍ ଏନ୍‌କ୍ଲେଭ୍‌କୁ ମଂଜୁରୀ ପ୍ରଦାନ କରିଛି । ବାଗଡୋଗ୍ରା ବିମାନ ବନ୍ଦରରେ ମୋଟ୍ ୧ ହଜାର ୫ଶହ ଅଣଚାଶ କୋଟି ଟଙ୍କା ବ୍ୟୟରେ ନୂତନ ସିଭିଲ୍ ଏନ୍‌କ୍ଲେଭ ନିର୍ମାଣ କରାଯିବ । ଏହାଦ୍ୱାରା ବିମାନ ବନ୍ଦରର ପରିଚାଳନା ଦକ୍ଷତା ଏବଂ ଯାତ୍ରୀଙ୍କ ସୁବିଧା ଉନ୍ନତ ହୋଇପାରିବ ।

ସେହିଭଳି ୧ ହଜାର ୪୧୩ କୋଟି ଟଙ୍କା ବ୍ୟୟରେ ବିହଟା ନୂତନ ସିଭିଲ୍ ଏନ୍‌କ୍ଲେଭ ଦ୍ୱାରା ପାଟନା ବିମାନ ବନ୍ଦରର ଭିତ୍ତିଭୂମି ଅଧିକ ସୁଦୃଢ଼ ହୋଇପାରିବ । ଏହା ଦ୍ୱାରା ଯାତ୍ରୀ ପରିବହନ ବ୍ୟବସ୍ଥା ବୃଦ୍ଧି ପାଇବ ବୋଲି ସେ ସୂଚନା ଦେଇଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି ନରେନ୍ଦ୍ର ମୋଦୀ ସରକାରଙ୍କ ତୃତୀୟ ପାଳିରେ ଏପର୍ଯ୍ୟନ୍ତ ୧ଲକ୍ଷ ୫୪ ହଜାର କୋଟି ଟଙ୍କାର ଭିତ୍ତିଭୂମି ପ୍ରକଳ୍ପକୁ ମଂଜୁରୀ ପ୍ରଦାନ କରାଯାଇଛି । ବୈଠକର ନିଷ୍ପତ୍ତି ପରେ ମୋଟ୍ ଭିତ୍ତିଭୂମି ପ୍ରକଳ୍ପ ବ୍ୟୟ ୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି ।

# ଶ୍ରୀଲଙ୍କା- ଫେରି ସର୍ଭିସ୍

ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଯାତ୍ରୀବାହୀ ନୌସେବା ଗତକାଲିଠାରୁ ଆରମ୍ଭ ହୋଇଛି । ଗତବର୍ଷ ଅକ୍ଟୋବର ମାସରେ ଭାରତର ନାଗାପଟିନମ୍ ଏବଂ ଶ୍ରୀଲଙ୍କାର ଉତ୍ତର ଜାଫ୍ନା ନିକଟରେ ଥିବା କାଙ୍କେସାନ୍ତୁରାଇ ମଧ୍ୟରେ ଏହି ସେବା ଆରମ୍ଭ ହୋଇଥିଲା । ଏକ ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ଏହି ସେବାରେ ଗତକାଲି ୫୦ଜଣ ଯାତ୍ରୀଙ୍କୁ ନେଇ ନାଗାପଟିନମ୍‌ରୁ ବାହାରିଥିବା ନୌକା ୪ ଘଣ୍ଟା ମଧ୍ୟରେ କାଙ୍କେସନ୍ତୁରାଇଠାରେ ପହଞ୍ଚିଥିଲା । ଜାଫ୍ନା ସ୍ଥିତ ଭାରତୀୟ କନ୍‌ସୁଲ୍ ଜେନେରାଲ୍ ଯାତ୍ରୀଙ୍କୁ ସେଠାରେ ସ୍ୱାଗତ କରିଥିଲେ ।

ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସାମୁଦ୍ରିକ ଯୋଗାଯୋଗ ବୃଦ୍ଧି ଲକ୍ଷ୍ୟରେ ଏହି ସେବାକୁ ପୁନଃ ପ୍ରଚଳନ କରାଯାଇଛି । ଭାରତ ଏ କ୍ଷେତ୍ରରେ ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି ।  ଭାରତ ଗୋଟିଏ ବର୍ଷ ପାଇଁ ମାସିକ ୨ କୋଟି ୫୦ଲକ୍ଷ ଶ୍ରୀଲଙ୍କା ମୁଦ୍ରା ବହନ କରିବ । ଶ୍ରୀଲଙ୍କା ସରକାର ମଧ୍ୟ ଏହି ଯାତାୟାତ ପାଇଁ ଟିକସ ହ୍ରାସ କରିଛନ୍ତି । କାଙ୍କେସନ୍ତୁରାଇ ବନ୍ଦରର ବିକାଶ ପାଇଁ ଭାରତ ଶ୍ରୀଲଙ୍କାକୁ ୬୩ ଦଶମିକ ୬/୫ ନିୟୁତ ଆମେରିକୀୟ ଡଲାର ଅନୁଦାନ ପ୍ରଦାନ କରିଛି । ଶ୍ରୀଲଙ୍କାର ଅର୍ଥନୈତିକ ପୁନରୁଦ୍ଧାର ଓ ପ୍ରଗତି ପାଇଁ ଏହି ଯାତ୍ରା ବିଶେଷ ସହଯୋଗ ପ୍ରଦାନ କରିବ ବୋଲି ଜଣାପଡ଼ିଛି । ଉନ୍ନତ ଯୋଗାଯୋଗ ବ୍ୟବସ୍ଥା

ମାଧ୍ୟମରେ ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ସୁଦୃଢ଼ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ।

## ୟେମେନ୍-ବ୍ଲାଷ୍ଟ

ୟେମେନ୍‌ରେ ଆତ୍ମଘାତୀ ବୋମା ବିସ୍ଫୋରଣରେ ୧୪ ଜଣ ସୈନିକ ପ୍ରାଣ ହରାଇଥିବା ଜଣାପଡ଼ିଛି । ଏହି ବିସ୍ଫୋରଣରେ ବହୁ କ୍ଷୟକ୍ଷତି ହେବା ସହ ୧୭ ଜଣ ସୈନିକ ଆହତ ହୋଇଥିବା ଜଣାପଡ଼ିଛି । ସେମାନଙ୍କ ମଧ୍ୟରେ କେତେଜଣଙ୍କର ଅବସ୍ଥା ଗୁରୁତର ରହିଛି । ଦେଶର ଦକ୍ଷିଣାଞ୍ଚଳର ଅବୟାନ୍ ଠାରେ ଥିବା ଅଲକାଏଦା ଆତଙ୍କବାଦୀ ଗୋଷ୍ଠୀର ଶାଖା ଏଥିରେ ସଂପୃକ୍ତ ଥିବାର ସନ୍ଦେହ କରାଯାଉଛି । ବିସ୍ଫୋରକ ସାମଗ୍ରୀ ଭର୍ତ୍ତି ଏକ କାର୍ ସାମରିକ ଘାଟରେ ବିସ୍ଫୋରଣ ହେବାରୁ ଏହି ଘଟଣା ଘଟିଛି ।